# NATIONAL NEWS BULLETIN (ODIA)

## 8 August - 2025

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଭାରତ-ରୁଷ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ଉଭୟ ଦେଶର ନେତୃବୃନ୍ଦ ।
- ଚଳିତ ଆର୍ଥିକ ବର୍ଷ ଲାଗି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ସିଲିଣ୍ଡର ପିଛା ରିହାତି ପ୍ରଦାନ ଓ ଅନ୍ୟ କେତେକ ପ୍ରସ୍ତାବ ଆଜି କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦିତ ।
- ଆୟକର ବିଲ୍ ୨୦୨୫ ପ୍ରତ୍ୟାହାର ସମ୍ପର୍କିତ ପ୍ରସ୍ତାବ ଆଜି ଲୋକସଭାରେ ପାରିତ ।
- ଏକ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ଲାଗି ନିର୍ବାଚନ ଆୟୋଗ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକାରୀ କରିଛନ୍ତି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଆମେରିକାର ବେନ୍ ଶେଲଟନ୍ ହାସଲ କଲେ ଚଳିତ ବର୍ଷର କାନାଡ଼ିଆନ୍ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ ବର୍ଗର ଟାଇଟଲ ।

# ପିଏମ୍-ପୁଟିନ୍

ଭାରତ-ରୁଷ ସ୍ୱତନ୍ତ୍ର ଏବଂ ସୁବିଧାପ୍ରାପ୍ତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ଦୁଇ ଦେଶ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ତଥା ଆପୋଷ ସ୍ୱାର୍ଥ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କରିଥିବା ବିସ୍ତୃତ ଆଲୋଚନାରୁ ଏହା ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି,  ଉଭୟ ନେତା ଭାରତ ଓ ରୁଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରହିଥିବା ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି । ୟୁକ୍ରେନ୍ ସମ୍ବନ୍ଧିତ ତାଜା ସ୍ଥିତି ସମ୍ପର୍କରେ ଶ୍ରୀ ପୁଟିନ୍ ତାଙ୍କୁ ଅବଗତ କରାଇଥିବାରୁ ଶ୍ରୀ ମୋଦୀ ଧନ୍ୟବାଦ ଦେଇଛନ୍ତି । ଏହି ପ୍ରସଙ୍ଗକୁ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରିବା ଉପରେ ଭାରତ ଗୁରୁତ୍ୱାରୋପ କରିଛି ବୋଲି ସେ କହିଛନ୍ତି । ଚଳିତ ବର୍ଷ ଶେଷ ଭାଗରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ଭାରତ-ରୁଷ ବାର୍ଷିକୀ ସମ୍ମିଳନୀରେ ଯୋଗଦେବା ଲାଗି ଶ୍ରୀ ମୋଦୀ ଏହି ଅବସରରେ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଛନ୍ତି ।

# କ୍ୟାବିନେଟ୍ ବ୍ରିଫିଂ

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କ ଲାଗି ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ରିହାତି ପ୍ରଦାନ ପ୍ରକ୍ରିୟା ସମ୍ପର୍କିତ ପ୍ରସ୍ତାବକୁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି ।

ସେ କହିଛନ୍ତି, ଏହି ରିହାତି ବ୍ୟବସ୍ଥା ଲାଗି ସରକାର ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବେ । ଏହାଦ୍ୱାରା ୧୦ କୋଟି ୩୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହୋଇପାରିବେ । ସରକାର ଏହି ହିତାଧିକାରୀଙ୍କୁ ବର୍ଷକୁ ୧୪ ଦଶମିକ୍ ୨ କିଲୋଗ୍ରାମ୍‌ର ୯ଟି ସିଲିଣ୍ଡର ପ୍ରଦାନ କରିଥାନ୍ତି । ତେବେ ପ୍ରତ୍ୟେକ ସିଲିଣ୍ଡରକୁ ପୂରଣ କରିବା ଲାଗି ୩୦୦ ଟଙ୍କାର ରିହାତି ଦିଆଯାଇଥାଏ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏଥିସହିତ ତିନୋଟି ରାଷ୍ଟ୍ରାୟତ ତୈଳ ବିପଣନ କମ୍ପାନୀ ଆଇ.ଓ.ସି.ଏଲ୍., ବି.ପି.ସି.ଏଲ୍. ଓ ଏଚ୍.ପି.ସି.ଏ.ଏଲ୍.କୁ ସରକାର ଏହି ପ୍ରସ୍ତାବ ମାଧ୍ୟମରେ ୩୦ ହଜାର

କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି ।

**V/O-1-ASHWIN-VAISHANV-ON-LPG**

ଶ୍ରୀ ବୈଷ୍ଣବ କହିଛନ୍ତି, ବିବିଧ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଓ ଗବେଷଣା ବିକାଶ ସମ୍ପର୍କିତ ଅନ୍ୟ ଏକ ପ୍ରସ୍ତାବକୁ ମଧ୍ୟ ଆଜି କ୍ୟାବିନେଟ୍‌ରେ ଅନୁମୋଦିତ କରାଯାଇଛି । ଏଥିଲାଗି ୪ ହଜାର ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ବୈଷୟିକ ଶିକ୍ଷାର ଉତ୍ତମମାନ ଓ ସମାନତା ବଜାୟ ରଖିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଦେଶ ବ୍ୟାପି ସରକାରୀ ଏବଂ ସରକାରୀ ସାହାଯ୍ୟ ପ୍ରାପ୍ତ ୨୭୫ଟି ବୈଷୟିକ ଶିକ୍ଷାନୁଷ୍ଠାନରେ ଏହି ଯୋଜନା ଅଧୀନରେ ଶିକ୍ଷା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

ଆଜି କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଥିବା ଅନ୍ୟ ଏକ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଆସାମ ଓ ତ୍ରିପୁରା ଲାଗି ବର୍ତ୍ତମାନର କେନ୍ଦ୍ରୀୟ ଯୋଜନା ଅଧୀନରେ ୪ଟି ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍‌କୁ ସରକାର ଅନୁମୋଦନ କରିଛନ୍ତି । ଏଥିଲାଗି ମୋଟ୍ ୪ ହଜାର ୨୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ରାଜ୍ୟ ଗୁଡ଼ିକରେ ଭିତ୍ତିଭୂମିର ବିକାଶ ହେବା ସହ ଜୀବିକା ନିର୍ବାହ ପ୍ରକଳ୍ପ

ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ଆୟ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-2-ASHWIN-VAISHANV-ON-NORTH-EAST**

ତାମିଲନାଡୁର ମାରାକ୍କାନାମ୍‌ରୁ ପୁଡୁଚେରୀ ଯାଇଥିବା ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବା ସମ୍ପର୍କିତ ପ୍ରକଳ୍ପ ମଧ୍ୟ ଆଜି କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଛି । ୨ହଜାର ୧୫୭ କୋଟି ଟଙ୍କା ବ୍ୟୟ ଅଟକଳରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ଚେନ୍ନାଇ, ପୁଡୁଚେରୀ, ଭିଲୁପୁରମ୍ ଏବଂ ନାଗାପଟିନମ୍ ଭଳି କ୍ରମବର୍ଦ୍ଧିଷ୍ଣୁ ସହରଗୁଡ଼ିକରେ ଟ୍ରାଫିକ୍ ସମସ୍ୟା  ହ୍ରାସ ପାଇବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପାର୍ଲାମେଣ୍ଟ-ଆଡଜର୍ଣ୍ଣ

ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ବିରୋଧ କରି ସଂସଦରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଉଭୟ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ଅପରାହ୍ଣ ୩ଟାରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳ ସାଂସଦମାନେ ବିହାର ପ୍ରସଙ୍ଗକୁ ନେଇ ପୁନର୍ବାର ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ ଓ ହଟ୍ଟଗୋଳ କରିଥିଲେ । ଏହି ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ

ନିର୍ମଳା ସୀତାରମଣ ଆୟକର ବିଲ୍ ୨୦୨୫ର ପ୍ରତ୍ୟାହାର ସମ୍ପର୍କିତ ଏକ ପ୍ରସ୍ତାବ ଲୋକସଭାରେ ଆଗତ କରିଥିଲେ ଏବଂ ପରେ ଏହା ଗୃହରେ ଅନୁମୋଦିତ ହୋଇଥିଲା ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଶୁକ୍ରବାର ଦିନଟି ଘରୋଇ ସଭ୍ୟଙ୍କ ବିଲ୍ ପାଇଁ ଉଦ୍ଦିଷ୍ଟ ଥାଏ । ତେବେ ବିରୋଧୀଙ୍କର ଏଭଳି ଆଚରଣ ଲାଗି ଗୃହ କାର୍ଯ୍ୟ ସୂଚାରୁରୂପେ ସମ୍ପନ୍ନ କରାଯାଇପାରୁ ନାହିଁ । ତେବେ ସରକାର ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ଶ୍ରୀ ରିଜିଜୁ ଗୁରୁତ୍ୱାରୋପ କରିଥିବା ବେଳେ ବିରୋଧୀଙ୍କର ହଟ୍ଟଗୋଳ ଯୋଗୁଁ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଥିଲା ।

ପୂର୍ବରୁ ଅନୁରୂପ କାରଣ ଲାଗି ଲୋକସଭାକୁ ଦୁଇଥର ମୁଲତବୀ ରଖାଯାଇଥିଲା । ତେବେ ପୂର୍ବାହ୍ଣ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଭାରତ ଛାଡ଼ ଆନ୍ଦୋଳନରେ ବଳୀଦାନ ଦେଇଥିବା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଅନ୍ୟ ପକ୍ଷରେ ରାଜ୍ୟସଭାରେ ଅନୁରୂପ ଭାବେ ଭାରତ ଛାଡ଼ ଆନ୍ଦୋଳନର ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଥିଲା ।

## ଚୀନ୍-ଇଣ୍ଡିଆ ଏସ୍‌ସିଓ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୧ ତାରିଖରୁ ଚୀନ୍‌ର ତିଆନ୍‌ଜିନ୍ ଠାରେ ଆରମ୍ଭ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଯୋଗଦେବେ । ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଯୋଗଦାନକୁ ଚୀନ୍ ସ୍ୱାଗତ କରିଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୋ ଜିଆକୁନ୍ କହିଛନ୍ତି, ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଏହି ସମ୍ମିଳନୀରେ ଯୋଗଦାନ ହେଉଛି ବନ୍ଧୁତ୍ୱ, ଏକତା ଓ ଦୃଢ଼ତାର ପ୍ରତିଫଳନ ।

ଏଠାରେ ସୂଚନା ଦିଆଯାଇପାରେ ୨୦୦୧ ମସିହା ଜୁନ୍ ୧୫ ତାରିଖରେ ସାଂଘାଇ ଠାରେ ଏହି ସ୍ଥାୟୀ ଆନ୍ତ ସରକାରୀ ଆର୍ନ୍ତାତିକ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଭାରତ, ଇରାନ୍, କାଜାକାସ୍ତାନ, ଚୀନ୍, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଓ ବେଲାରୁଷ ସଦସ୍ୟ ଅଛନ୍ତି ।

## ବିହାର-ଅମିତ ଶାହା

ଦେଶର ସୁରକ୍ଷା ଲାଗି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଏକ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ଲାଗି ଭାରତର ନିର୍ବାଚନ ଆୟୋଗ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା

ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକାରୀ କରିଛନ୍ତି । ଏହାଦ୍ୱାରା କଂଗ୍ରେସ ଓ ଆର୍.ଜେ.ଡି. ଭଳି ବିରୋଧୀ ଦଳ ଗୁଡ଼ିକର ସ୍ୱାର୍ଥହାନୀ ହେଉଥିବାରୁ ସେମାନଙ୍କ ନେତୃବୃନ୍ଦ ଏହି ପ୍ରକ୍ରିୟାକୁ ବିରୋଧ କରୁଛନ୍ତି ବୋଲି ସେ କହିଛନ୍ତି । ବିରୋଧୀ ଦଳଙ୍କର ଏଭଳି ଆଚରଣକୁ ଶ୍ରୀ ଶାହା ସମାଲୋଚନା କରିଛନ୍ତି ।

ଆଜି ବିହାରର ସୀତାମାଢ଼ି ଜିଲ୍ଲାର ପୁନୌରାଧାମ ଠାରେ ଦେବୀ ସୀତାଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ ଅବସରରେ ଆୟୋଜିତ ଜନସମାବେଶକୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ପୁନୌରାଧାମ ଜାନକୀ ମନ୍ଦିର ସହିତ ବାଲ୍ମୀକି ନଗର, ରାମ୍‌ରେଖା ଘାଟ, ମୁଙ୍ଗର ଓ ଗୟା ସୀତାକୁଣ୍ଡର ମଧ୍ୟ ପୁନରବିକାଶ କାର୍ଯ୍ୟ ଜାରି ରହିଛି । ଏହି ଧାମର ପୁନଃବିକାଶ କାର୍ଯ୍ୟ ମିଥିଳାକୁ ଶିକ୍ଷା, ଜ୍ଞାନ ଓ ସଂସ୍କୃତିକ ଏକ କେନ୍ଦ୍ର ରୂପେ ଗଢ଼ି ତୋଳିବା ଦିଗରେ ଏନ୍.ଡି.ଏ. ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O-2-AMIT-SHAH-CUT-1**

୧୫୯ ଫୁଟ ଉଚ୍ଚତା ବିଶିଷ୍ଟ ମନ୍ଦିର ଓ ଏହାର ସଂଲଗ୍ନ ପ୍ରାୟ ୬୭ ଏକର ପରିମିତ ବିଶିଷ୍ଟ ପରିସରର ବିକାଶ ଲାଗି ୮୮୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

# କାନାଡ଼ିଆନ୍ ଓପନ୍

ଆମେରିକାର ବେନ୍ ଶେଲଟନ୍ ଚଳିତ କାନାଡ଼ିଆନ୍ ଉପନ୍ ପୁରୁଷ ସିଙ୍ଗଲ୍ସ ବର୍ଗର ଟାଇଟଲ ହାସଲ କରିଛନ୍ତି । ଗତ ରାତିରେ ମଣ୍ଟ୍ରେଲ୍ ଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ସିଲଟନ୍ ରୁଷର କାରେନ୍ କାଚାନୋଭ୍‌ଙ୍କୁ ପରାସ୍ତ କରିଛନ୍ତି । ଏହି ୨୨ ବର୍ଷୀୟ ଟେନିସ୍ ଖେଳାଳି ସମ୍ପୃକ୍ତ ଟାଇଟଲ ହାସଲ କରିବାରେ ସର୍ବକନିଷ୍ଠ ଅମେରିକୀୟ ।

କାନାଡ଼ିଆନ୍ ଓପନ୍ ମହିଳା ସିଙ୍ଗଲ୍ସବର୍ଗରେ କାନାଡ଼ାର ୧୮ ବର୍ଷୀୟ ଭିକ୍ଟୋରିଆ ମ୍ବୋକୋ ଚାମ୍ପିୟାନ୍ ହୋଇଛନ୍ତି । ସେ ଚାରିଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିୟନ୍ ନାଓମି ଓସାକାଙ୍କୁ  ୨-୬, ୬-୪, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି ।